ଭାରତର ଅଣ- ବାସିନ୍ଦାଙ୍କ ଦ୍ୱାରା ଭାରତରେ ସ୍ଥାବର ସମ୍ପତ୍ତିର ଅର୍ଜନ ଓ ହସ୍ତାନ୍ତର

ବାରମ୍ବାର ପଚରା ଯାଉଥିବା ପ୍ରଶ୍ନ

ବୈଦେଶିକ ମୁଦ୍ରା ପରିଚାଳନା ବିଧେୟକ (ଏଫ୍ଇଏମ୍ଏ)ର ଧାରା ୬(୩)(i) ତଥା ସମୟକ୍ରମେ ସଂଶୋଧିତ ରିଜର୍ଭ ବ୍ୟାଙ୍କର ମେ ୩,୨୦୦୦ ମସିହାର ଅଧିସୂଚନା ସଂଖ୍ୟା ଫେମା ୨୧/୨୦୦୦-ଆର୍.ବି. ରେ ସଂସ୍ଥିତ ନିୟାମକ ଦ୍ୱାରା ଅଣବାସିନ୍ଦା ମାନଙ୍କର ଭାରତରେ ସ୍ଥାବର ସମ୍ପତ୍ତି ଅର୍ଜନ ବିଷୟ ନିୟନ୍ତ୍ରିତ ହୋଇଥାଏ । ଭାରତର ଅଣ-ବାସିନ୍ଦା ମାନଙ୍କୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇଛି । ଯଥାः-ପ୍ରବାସୀ ଭାରତୀୟ (ଏନ୍.ଆର୍.ଆଇ) ଭାରତ ବଂଶୋଦ୍ଭବ ବିଦେଶୀ ନାଗରିକ (ପି.ଆଇ.ଓ) ଓ ଭାରତ ବଂଶୋଦ୍ଭବ ହୋଇନଥିବା ବିଦେଶୀ ନାଗରିକ । ଭାରତର ଅଣ-ନାଗରିକ ରୂପେ ଭାରତରେ ବାସ କରୁଥିବା ଜଣେ ବ୍ୟକ୍ତି ମଧ୍ୟ ସଂବଧିତ ଅଧିସୂଚନା ଗୁଡ଼ିକର ପରିସର ଭୁକ୍ତ ଅଟନ୍ତି ।

୨. ଏଫ୍.ଇ.ଏମ୍.ଏ ୧୯୯୯ ର ଧାରା ୬(୫) ଅଧୀନରେ ବ୍ୟବସ୍ଥା ଅଛି ଯେ, ବିଧି ଅନୁସାରେ ଭାରତ ବାହାରେ ବାସକରୁଥିବା ବ୍ୟକ୍ତିବିଶେଷ ଭାରତୀୟ ମୁଦ୍ରା, ପ୍ରତିଭୁତି (ସିକ୍ୟୁରିଟି) ବା ଭାରତସ୍ଥ କୌଣସି ସ୍ଥାବର ସମ୍ପତ୍ତିକୁ ଧାରଣ କରିପାରିବେ, ତା'ର ମାଲିକ ହୋଇପାରିବେ, ହସ୍ତାନ୍ତର କରିପାରିବେ ବା ସେଥିରେ ନିବେଶ କରିପାରିବେ । ଏଥି ନମନ୍ତେ ଉପରୋକ୍ତ ମୁଦ୍ରା ପ୍ରତିଭୁତି କିମ୍ବା ସଂପତ୍ତିକୁ, ବ୍ୟକ୍ତିଜଣକ ଭାରତରେ ବାସ କରୁଥିବା ସମୟରେ ଅର୍ଜନ କରିଥିବେ, ଧାରଣ କରିଥିବେ ବା ମାଲିକାନାସତ୍ତ୍ୱ ହାସଲ କରିଥିବେ କିମ୍ବା ଉତ୍ତରାଧିକାର ସୂତ୍ରରେ ଜଣେ ଭାରତ ନିବାସୀଙ୍କ ଠାରୁ ପ୍ରାପ୍ତ ହୋଇଥିବେ ।

୩. ମେ ୩, ୨୦୦୦ ମସିହାରେ ଅଧିସୂଚନା ସଂଖ୍ୟା ଏଫ୍ଇଏମ୍ଏ -୨୧ ର ନିୟାମକ ଗୁଡ଼ିକରେ ଜଣେ ଏନ.ଆର୍.ଆଇ ବା ପିଆଇଓ, କୃଷିଜମି, ବା ଉଦ୍ୟାନ କୃଷିଜମି ବା କୃଷି ଭିତ୍ତିକ ଗୃହ ବ୍ୟତୀତ ଭାରତରେ ଅନ୍ୟ ସ୍ଥାବର ସମ୍ପତ୍ତି ଅର୍ଜନ କରିପାରିବେ ବୋଲି ଅନୁମତି ଦିଆଯାଇଛି । ପୁନଶ୍ଚ ଭାରତରେ କାର୍ଯ୍ୟାଳୟ ଖୋଲି ପାରିବାର ଅନୁମତି ପ୍ରାପ୍ତ ବିଦେଶୀ କମ୍ପାନୀ ମାନେ ମଧ୍ୟ ସେମାନଙ୍କର କାର୍ଯ୍ୟ କଳାପ ନିମନ୍ତେ ଆବଶ୍ୟକ ତଥା ଅନୁସଂଗିକ ହେଉଥିବା ଯେ କୌଣସି ଭାରତସ୍ଥ ସ୍ଥାବର ସମ୍ପତ୍ତି ଅର୍ଜନ କରିପାରିବେ । ଏହି ସର୍ତ୍ତ ଭାରତରେ ଲିଆସନ୍ ଅଫିସ (ସଂପର୍କ କାର୍ଯ୍ୟାଳୟ) ଖୋଲିବା ନିମନ୍ତେ ଅନୁମତି ପ୍ରାପ୍ତ ଅସ୍ତିତ୍ୱ (ଏଣ୍ଟିଟି) ଗୁଡ଼ିକୁ ଉପଲବ୍ଧ ହେବ ନାହିଁ ।

୪. ଭାରତରେ ସ୍ଥାବର ସଂପତ୍ତିରେ କାରବାର ସମ୍ବନ୍ଧିତ ନିୟାମକ ଗୁଡ଼ିକ ମେ ୩,୨୦୦୦ ମସିହାରେ ଆରବିଆର ଅଧିସୂଚନା ସଂଖ୍ୟା ୨୧/୨୦୦୦- ଆରବି ଦ୍ୱାରା ଅଧିସୂଚିତ ହୋଇଅଛି ଏବଂ ଏହି ମୂଳ ଅଧିସୂଚନା ପରବର୍ତ୍ତି ସମୟରେ ନିମ୍ନ ଅଧିସୂଚନା ଗୁଡ଼ିକରେ ସଂଶୋଧିତ ହୋଇଅଛି ।

(କ) ଅଧିସୂଚନା ସଂ. ଫେମା ୬୪/୨୦୦୨- ଆର୍ ବି ଜୁନ ୨୯,୨୦୦୨ ମସିହା

(ଖ) ଅଧିସୂଚନା ସଂ. ଫେମା ୬୫/୨୦୦୨- ଆର୍ ବି ଜୁନ ୨୯,୨୦୦୨ ମସିହା

(ଗ) ଅଧିସୂଚନା ସଂ. ଫେମା ୯୩/୨୦୦୨- ଆର୍ ବି ଜୁନ ୯,୨୦୦୩ ମସିହା

(ଘ) ଅଧିସୂଚନା ସଂ. ଫେମା ୧୪୬/୨୦୦୨- ଆର୍.ବି ଫେବୃୟାରୀ ୧୦, ୨୦୦୨ ମସିହା (ଏପି (ଡ଼ିଆରଆର୍) ପରିପତ୍ର ସଂ୫ ତା ୧୬-୮-୨୦୦୬ ସହିତ Website ରେ ଉପଲବ୍ଧ)

ଉପରୋକ୍ତ ସମସ୍ତ ଅଧିସୂଚନାଗୁଡ଼ିକ ଭାରତୀୟ ରିଜର୍ଭବ୍ୟାଙ୍କର ୱେବ୍ ସାଇଟ୍ www.fema.rbi.org.in ରେ ଉପଲବ୍ଧ ଅଟେ ।

୫. ନିମ୍ନ କ୍ଷେତ୍ରରେ ଜଣେ ବିଦେଶ ନିବାସୀଙ୍କୁ ଭାରତରେ ସ୍ଥାବର ସମ୍ପତ୍ତି ଅର୍ଜନ ନିମନ୍ତେ କଟକଣା ଲାଗୁ ହୁଏ ନାହିଁ ।

(କ) ଯଦି ୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଅବଧି ପାଇଁ ଲିଜ୍ ଭିତ୍ତିରେ ଭାରତରେ ସ୍ଥାବର ସମ୍ପତ୍ତି ଅର୍ଜନ କରିବାର ପ୍ରସ୍ତାବନା ଥାଏ, ବା

(ଖ) ଯଦି ସେହି ବିଦେଶନିବାସୀଙ୍କୁ ଭାରତ ନିବାସୀ ଭାବରେ ଧରି ନିଆଯାଉଥାଏ ବା ମାନି ନିଆଯାଏ ଫେମା ୧୯୯୯ ର ଧାରା ୨() ରେ ସଜ୍ଞାକୃତ ହୋଇଥିବା ସମସ୍ତ ନିବାସ ସମ୍ବନ୍ଧୀୟ ମାନଦଣ୍ଡକୁ ପରିପୂରଣ କରୁଥିଲେ ଜଣେ ବ୍ୟକ୍ତିବିଶେଷଙ୍କୁ ଫେମା ଦୃଷ୍ଟିକୋଣରୁ ଭାରତ ନିବାସୀ ବୋଲି ଧରିନିଆଯିବ । ତଥାପି ରିଜର୍ଭ ବ୍ୟାଙ୍କର ଆଗୁଆ ଅନୁମତି ବିନା ପାକିସ୍ଥାନ, ବାଙ୍ଗଲାଦେଶ, ଶ୍ରୀଲଙ୍କା, ଆଫଗାନିସ୍ଥାନ, ଚୀନ୍, ଇରାନ୍, ନେପାଳ ବା ଭୁଟାନର ନାଗରିକମାନେ ଭାରତ ଭିତରେ ସ୍ଥାବର ସମ୍ପତ୍ତି ଅର୍ଜନ ବା ହସ୍ତାନ୍ତର କରିପାରିବେ ନାହିଁ (ପଟ୍ଟାସୂତ୍ରେ ୫ ବର୍ଷରୁ ଅଧିକ ହୋଇନଥିବା କ୍ଷେତ୍ର ବ୍ୟତୀତ) ।

୬. ଭାରତୀୟ ରିଜର୍ଭ ଆବଶ୍ୟକତାକୁ ପରିପୂରଣ କରି, ଗୋଟିଏ ଆର୍ଥିକ ବର୍ଷ (ଏପ୍ରିଲ୍ ରୁ ମାର୍ଚ୍ଚ) ରେ ଏନ୍.ଆର୍.ଆଇ/ପି.ଆଇ.ଓ ମାନେ ନିଜନାମରେ ଥିବା ଏନ.ଆର୍.ଓ. ଆକାଉଣ୍ଟର ରାଶି ରୁ ୧୦,୦୦,୦୦୦ ଆମେରିକୀୟ ଡ଼ଲାର୍ ପରିମାଣ ପର୍ଯ୍ୟନ୍ତ ରିପାଟ୍ରିଏଟ୍ କରିପାରିବେ । ଉତ୍ତରାଧିକାର ବା ସେଟଲ୍ ମେଣ୍ଟ ସୂତ୍ରରେ ଭାରତରେ ଅର୍ଜିତ ପରି-ସମ୍ପତ୍ତିର ବିକ୍ରୟ ହେତୁ ହାସଲ କରାଯାଇଥିବା ଧନରାଶି ଉପରୋକ୍ତ ଏକ ନିୟୁତ ପରିମାଣ ମଧ୍ୟରେ ଅନ୍ତର୍ଭୁକ୍ତ ଅଟେ ।

୭. ଉପରୋକ୍ତ ବୈଧିକ ଓ ନିୟାମକ ବ୍ୟବସ୍ଥା ଥିବାସତ୍ତ୍ୱେ, ଭାରତରେ ସ୍ଥାବର ସଂପତ୍ତିର ଅର୍ଜନ, ଧାରଣ ଓ ହସ୍ତାନ୍ତର ତଥା ସେହିସବୁ ସମ୍ପତ୍ତି ବିକ୍ରୟ ହେତୁ ହାସଲ କରାଯାଇଥିବା ବିକ୍ରୟ ମୂଲ୍ୟର ବିଦେଶକୁ ପଠାଇ ପାରିବାକୁ ନେଇ କାର୍ଯ୍ୟକାରୀ ହେଉଥିବା ପଦ୍ଧତି ସମ୍ବନ୍ଧରେ ବ୍ୟକ୍ତି ବିଶେଷଙ୍କ ଠାରୁ ବହୁତ ପ୍ରକାରର ପ୍ରଶ୍ନ ଆମ୍ଭର ହସ୍ତଗତ ହେଉଅଛି । ଏହି ସବୁକୁ ସ୍ପଷ୍ଟ କରିବା ନିମନ୍ତେ, ଜଣେ ବିଦେଶ ନିବାସୀ ବା ଜଣେ ଭାରତର ନାଗରିକ ହୋଇନଥିବା ଭାରତ ନିବାସୀଙ୍କ ଦ୍ୱାରା ଭାରତରେ ସ୍ଥାବର ସଂପତ୍ତିର ଅର୍ଜନ ଓ ହସ୍ତାନ୍ତର ସଂପର୍କିତ ବିଭିନ୍ନ ବିଷୟ ଉପରେ ଆମ୍ଭେ ଏକ ସେଟ୍ ପ୍ରଶ୍ନାବଳୀ ର ଚେଷ୍ଟା କରିଛୁ ।

ଏହି ପ୍ରଶ୍ନାବଳୀ ବାହାରେ ଅନ୍ୟ କିଛି ବିଷୟ ଯଦି ବୁଝିବାର ଥାଏ, ସେ କ୍ଷେତ୍ରରେ ନିମ୍ନ ଠିକଣାରେ ଲିଖିତ ଆକାରରେ ଜଣାଇ ହେବ ।

ମୁଖ୍ୟ ମହାପ୍ରବଂଧକ (ପ୍ରଭାରୀ)
ବିଦେଶୀ ମୁଦ୍ରା ବିଭାଗ
ବିଦେଶୀ ନିବେଶ ଡ଼ିଭିଜନ୍
ଭାରତୀୟ ରିଜର୍ଭ ବ୍ୟାଙ୍କ,
କେନ୍ଦ୍ରୀୟ କାର୍ଯ୍ୟାଳୟ
ମୁମ୍ବାଇ-୪୦୦୦୦୧

ଉପର

ନିମ୍ନ ପ୍ରସଙ୍ଗ ଗୁଡ଼ିକ ପ୍ରଶ୍ନାବଳୀ ପରିସରଭୁକ୍ତ :-

(I) ଭାରତ ବାହାରେ ବସବାସ କରୁଥିବା ବ୍ୟକ୍ତିଙ୍କର (ଯଥା ଏନଆରଆଇ/ପିଆଇଓ/ଭାରତ ବଂଶୋଦ୍ଭବ ହୋଇନଥିବା ବିଦେଶୀ ନାଗରିକଙ୍କର) ଭାରତରେ ସ୍ଥାବର ସଂପତ୍ତି ଅର୍ଜନ କରିବାର ମାଧ୍ୟମ :

ବ) କ୍ରୟ
ଭ) ଉପହାର
ମ) ଉତ୍ତରାଧିକାର ସୂତ୍ର

(II) ଜଣେ ଭାରତ ବାହାରେ ବାସକରୁଥିବା ବ୍ୟକ୍ତିଙ୍କର ଭାରତଭିତରେ ସ୍ଥବାର ସମ୍ପତ୍ତି ହସ୍ତାନ୍ତର କରିବାର ମାଧ୍ୟମ :

(ବ) ବିକ୍ରି
(ଭ) ଉପହାର,

(ମ) ବନ୍ଧକ ସୂତ୍ରରେ

(III) ଭାରତରେ ସଂପତ୍ତିକ୍ରୟ କଲେ ସେଥିନିମନ୍ତେ ଦେୟ ପରିଶୋଧ ଶୈଳୀ/ଉପାୟ

(IV) ସମ୍ପତ୍ତି ବିକ୍ରୀକରି ପ୍ରାପ୍ତଧନ ରାଶିର ପିପାଟ୍ରିଏସନ୍ (ପ୍ରତ୍ୟାବର୍ତ୍ତନ) ସେହି ସମ୍ପତ୍ତି :

(ବ) କ୍ରୟ ହୋଇଥିବ,

(ଭ) ଉପହାର ରୂପେ ପ୍ରାପ୍ତ ହୋଇଥିବ

(ମ) ଉତ୍ତରାଧିକାରୀ ସୂତ୍ରେ ପ୍ରାପ୍ତ ହୋଇଥିବ

(V) ବିଦେଶୀ ରାଜଦୂତ/କୂଟନୀତିଜ୍ଞ/ରାଜ ପ୍ରତିନିଧିଙ୍କ ନିମିତ୍ତ ବ୍ୟବସ୍ଥା

(VI) ଅନ୍ୟ ସମସ୍ୟା

ଉପର

(I) ଭାରତରେ ସ୍ଥାବର ସମ୍ପତ୍ତିର ଅର୍ଜନ

ପ୍ର-୧- କିଏ ଭାରତରେ ସ୍ଥାବର ସମ୍ପତ୍ତି କ୍ରୟ କରିପାରିବେ ?

ଉ-ସାଧାରଣ ଉପଲବ୍ଧ ଅନୁମତି ଅନୁଯାୟୀ, ନିମ୍ନ ଶ୍ରେଣୀରେ ଅନ୍ତର୍ଭୁକ୍ତ ବ୍ୟକ୍ତି ବିଶେଷ ମୁକ୍ତ ଭାବରେ ଭାରତରେ ସ୍ଥାବର ସମ୍ପତ୍ତି କ୍ରୟ କରିପାରିବେ।

(i) ପ୍ରବାସୀ ଭାରତୀୟ- ବିଦେଶରେ ବାସ କରୁଥିବା (ଏନଆରଆଇ) ଭାରତୀୟ ନାଗରୀକ।

(ii) ମୂଳ ଭାରତୀୟ ବଂଶୋଦ୍ଭବ (ପି.ଆଇ.ଓ) : ବ୍ୟକ୍ତି ବିଶେଷ (ଯେକି ପାକିସ୍ତାନ କିମ୍ବା ବାଙ୍ଗଲାଦେଶ କିମ୍ବା ଶ୍ରୀଲଙ୍କା କିମ୍ବା ଆଫଗାନିସ୍ତାନ କିମ୍ବା ଚୀନ, କିମ୍ବା ଇରାନ କିମ୍ବା ନେପାଳ କିମ୍ବା ଭୁଟାନର ନାଗରିକ ହୋଇ ନଥିବେ) ଯିଏ କି :

୧) କୌଣସି ସମୟରେ , ଭାରତୀୟ ପାର-ପାତ୍ର (ପାସପୋର୍ଟ) ଧାରଣ କରିଥିଲେ 'ବା'

୨) ସେ ନିଜେ ଭାରତୀୟ ନାଗରିକ ଥିଲେ କିମ୍ବା ତାଙ୍କର ବାପା କିମ୍ବା ବାପାଙ୍କ ବାପା ଭାରତୀୟ ସମ୍ବିଧାନ ଅନୁସାରେ କିମ୍ବା ନାଗରିକତ୍ୱ ସର୍ତ୍ତ ୧୯୫୫ (୧୯୫୫ ର ୫୭) ଅନୁସାରେ ଭାରତୀୟ ନାଗରିକ ଥିଲେ ।

ଏହି ସାଧାରଣ ଅନୁମତି ବାସଉପଯୋଗୀ ଏବଂ ବ୍ୟବସାୟିକ ସମ୍ପତ୍ତି କ୍ରୟ ପାଇଁ ଲାଗୁ ହେବ କିନ୍ତୁ ଭାରତୀୟ ଚାଷଜମି/ଉଦ୍ୟାନ କୃଷି ସମ୍ପତ୍ତି/କୃଷି ଭିତ୍ତିକ ଗୃହ କ୍ରୟ ନିମନ୍ତେ ଲାଗୁ ହେବ ନାହିଁ।

ପ୍ରଶ୍ନ-୨ ପ୍ରବାସୀ ଭାରତୀୟ/ମୂଳ ଭାରତୀୟ ବଂଶୋଦ୍ଭବ (ପିଆଇଓ) ଭାରତୀୟ କୃଷି ଜମି/ଉଦ୍ୟାନକୃଷି ସମ୍ପତ୍ତି/କୃଷି ଭିତ୍ତିକ ଗୃହ ଅର୍ଜନ କରିପାରିବେ କି ?

ନା, କାରଣ ସାଧାରଣ ସର୍ତ୍ତାବଳୀ ପ୍ରବାସୀ ଭାରତୀୟ/ମୂଳ ଭାରତୀୟ ବଂଶୋଦ୍ଭବଙ୍କ ଭାରତୀୟ ଚାଷଜମି/ଉଦ୍ୟାନ କୃଷି ସମ୍ପତ୍ତି/କୃଷି ଭିତ୍ତିକ ଗୃହ ଅର୍ଜନ ପାଇଁ ଉଦ୍ଦିଷ୍ଟ ନୁହେଁ, ସେସବୁ ପ୍ରସ୍ତାବ ପାଇଁ ରିଜର୍ଭ ବ୍ୟାଙ୍କର ସ୍ୱତନ୍ତ୍ର ସ୍ୱୀକୃତି ଦରକାର ହୁଏ ଏବଂ ପ୍ରସ୍ତାବ ଗୁଡ଼ିକ ଉପରେ ଭାରତ ସରକାରଙ୍କ ସହିତ ପରାମର୍ଶ କରି ବିବେଚନା କରାଯାଏ ।

ପ୍ର-୩- କ୍ରୟ ପରେ କୌଣସି ପ୍ରାମାଣ୍ୟ ଦଲିଲ୍ ରିଜର୍ଭ ବ୍ୟାଙ୍କ ନିକଟରେ ଦେୟ ହେବ କି ?

ନା, ଏନଆରଆଇ/ପିଆଇଓ ଯେକି ବାସଉପଯୋଗୀ/ବ୍ୟବସାୟିକ ସମ୍ପତ୍ତି ସାଧାରଣ ସର୍ତ୍ତାବଳୀ ଦ୍ୱାରା କ୍ରୟ କରିଥିବେ, ସେଥିପାଇଁ କୌଣସି ପ୍ରାମାଣ୍ୟ ଦଲିଲ୍ ରିଜର୍ଭ ବ୍ୟାଙ୍କ ପୈଠ କରିବେ ନାହିଁ।

ପ୍ର-୪-ସାଧାରଣ ଅନୁମତି ଅନୁଯାୟୀ ଏନଆରଆଇ/ପିଆଇଓ କେତେ ସଂଖ୍ୟକ ବାସପଯୋଗୀ/ବ୍ୟବସାୟୀକ ସମ୍ପତ୍ତି କ୍ରୟ କରିପାରିବେ ?

ବାସଉପଯୋଗୀ/ବ୍ୟବସାୟିକ ସମ୍ପତ୍ତି କ୍ରୟର ସଂଖ୍ୟା ଉପରେ କୌଣସି ପ୍ରତିବନ୍ଧକ ନାହିଁ।

ପ୍ର-୫- ଅଣ ଭାରତୀୟ ବଂଶୋଦ୍ଭବ ବିଦେଶୀ ନାଗରିକ ଏନଆରଆଇ/ପିଆଇଓଙ୍କ ଦ୍ୱାରା ଖରିଦ ସ୍ଥାବର ସମ୍ପତ୍ତିର ଦ୍ୱିତୀୟ ମାଲିକାନା ସ୍ୱତ୍ତ୍ୱ ହାସଲ କରିପାରିବେ କି ?

ନା,

ଉପର

ପ୍ର-୬ ଅଣଭାରତୀୟ୍- ବଂଶୋଦ୍ଭବ ବିଦେଶୀନାଗରିକ ଯେକି ଭାରତ ବାହାରେ ରହୁଥିବେ, ସେ ଭାରତୀୟ୍ ସ୍ଥାବର ସମ୍ପତ୍ତି କ୍ରୟ୍ କରିପାରିବେ କି ?

ନା, ବୈଦେଶରେ ରହୁଥିବା ଅଣ ଭାରତୀୟ୍ ବଂଶୋଦ୍ଭବ ବିଦେଶୀ ନାଗରୀକ ଭାରତରେ କୌଣସି ସ୍ଥାବର ସମ୍ପତ୍ତି କ୍ରୟ୍ କରିପାରିବେ ନାହିଁ। କିନ୍ତୁ ସେ ପାଞ୍ଚ ବର୍ଷରୁ ଅଧିକ ହେଉନଥିବା ପଟ୍ଟାସୁତ୍ରରେ (ଲିଜ୍ ରେ) ନ ଥିବା ବାସ ଉପଯୋଗୀ ବ୍ୟବସ୍ଥା କରିପାରିବେ। ଏଭଳି କ୍ଷେତ୍ରରେ ରିଜର୍ଭ ବ୍ୟାଙ୍କକୁ ଜଣାଇବା କିମ୍ବା ବ୍ୟାଙ୍କର ଅନୁମତି ନେବା ଅନାବଶ୍ୟକ।

ପ୍ର-୭- ଭାରତରେ ବାସ କରୁଥିବା ବିଦେଶୀ ନାଗରିକ ଭାରତ ଭିତରେ ସ୍ଥାବର ସମ୍ପତ୍ତି କ୍ରୟ୍ କରିପାରିବେ କି ?

ହଁ, ସଂପୃକ୍ତ ବ୍ୟକ୍ତିଙ୍କୁ ଅନୁମୋଦନ ଲାଭ କରିବାକୁ ହେବ ଏବଂ ସଂପୃକ୍ତ ରାଜ୍ୟ ସରକାର, ଇତ୍ୟାଦିଙ୍କ ପରି ଅନ୍ୟାନ୍ୟ କର୍ତ୍ତୃପକ୍ଷଙ୍କ ଦ୍ଵାରା ନିର୍ଦ୍ଧାରିତ ଆବଶ୍ୟକତା ଥିଲେ, ପୂରଣ କରିବାକୁ ହେବ । ଅବଶ୍ୟ, ଭାରତରେ ବାସ କରୁଥିବା ପାକିସ୍ତାନ, ବାଙ୍ଗାଲାଦେଶ , ଶ୍ରୀଲଙ୍କା, ଆଫଗାନିସ୍ତାନ, ଚୀନ, ଇରାନ, ନେପାଳ ଓ ଭୁଟାନର ନାଗରିକ ହୋଇଥିଲେ ରିଜର୍ଭ ବ୍ୟାଙ୍କର ଆଗୁଆ ଅନୁମୋଦନ ଲାଭ କରିବାକୁ ହେବ । ଏଭଳି ଅନୁରୋଧ ଆସଲେ ରିଜର୍ଭ ବ୍ୟାଙ୍କ, ଭାରତ ସରକାରଙ୍କ ସହ ପରାମର୍ଶ କରି ବିଚାର କରିଥାଏ ।

କରିଥିବା ଉଚିତ। ଏଭଳି ଅନୁରୋଧ ଭାରତ ସରକାର ତଥା କାର୍ଯ୍ୟକାରୀ ହେବ।

ପ୍ର-୮- ଗୋଟିଏ ବିଦେଶୀ କମ୍ପାନୀର କାର୍ଯ୍ୟାଳୟ୍, ଭାରତରେ ସ୍ଥାବର ସମ୍ପତ୍ତି କିଣି ପାରିବ କି ?

ଏକ ବିଦେଶୀ କମ୍ପାନୀ ଫେରା/ଫେମା ଅନୁସାରେ ଭାରତରେ ଶଖା କାର୍ଯ୍ୟାଳୟ୍ ବା ଅନ୍ୟବ୍ୟବସାୟ୍ ସ୍ଥାନ ସ୍ଥାପନ କରିଥିଲେ, ତାହା ଭାରତରେ ଯେ କୌଣସି ସ୍ଥାବର ସଂପତ୍ତି ଅର୍ଜନ କରି ପରିବ ଯାହାକି କମ୍ପାନୀର କାର୍ଯ୍ୟକଳାପ ଚଳାଇବା ନିମନ୍ତେ ଦରକାରୀ ବା ପ୍ରାସଙ୍ଗିକ ହୋଇଧିବ ।

ସେ ପରି-ସମ୍ପତ୍ତି ଅର୍ଜନ କରିବା ନମନ୍ତେ ଦେୟ୍, ଉଚିତ୍ ବ୍ୟାଙ୍କି ଚାନେଲ ମାଧ୍ୟମରେ ବିଦେଶରୁ ଭାରତକୁ ରେମିଟାନ୍ସ (ଧନରାଶି ପ୍ରେଷଣ) ଦ୍ଵାରା ହେବ । ସଂପତ୍ତି ପ୍ରାପ୍ତ କରିବାର ୯୦ ଦିନ ମଧ୍ୟରେ ଆଇ.ପି.ଆଇ. ଫାର୍ମରେ ଭାରତୀୟ୍ ରିଜର୍ଭ ବ୍ୟାଙ୍କ୍ ରେ ଦାଖଲ କରିବାକୁ ହେବ । ଅନ୍ୟ କୌଣସି ଉଧାର (ବରୋଇଂ) ନିମନ୍ତେ ସେପରି ସମ୍ପତ୍ତିକୁ ମଧ୍ୟ ଏକ ପ୍ରାଧିକୃତ ଡ଼ିଲରଙ୍କ ପାଖରେ ବଂଧକ ଦିଆଯାଇପାରିବ । ବ୍ୟବସାୟ୍ ବଂଦ ହୋଇଗଲେ , ସେପରି ସମ୍ପତ୍ତିର ବିକ୍ରୀ ଆୟ୍ କେବଳ ରିଜର୍ଭ ବ୍ୟାଙ୍କର ଆଗୁଆ ଅନୁମୋଦନ ଲାଭ କଲାପରେ ଭାରତ ବାହାରରୁ ପଠାଯାଇପାରିବ । ଅଧିକନ୍ତୁ, ଏଣ୍ଟିଟିଜ୍ (ସଂସ୍ଥାମାନେ) ଯେଉଁ ମାନେ ଭାରତରେ ଶାଖାକାର୍ଯ୍ୟାଳୟ୍ ସ୍ଥାପନ କରିଥିଲେ ଓ ପାକିସ୍ଥାନ, ବଂଗଳାଦେଶ, ଶ୍ରୀଲଙ୍କା, ଆଫଗାନିସ୍ଥାନ, ଚୀନ, ଇରାନ୍, ନେପାଳ ଓ ଭୁଟାନରେ ପଞ୍ଜୀକୃତ ହୋଇଥିଲେ, ସେମାନେ ସେପରି ସ୍ଥାବର ସଂପତ୍ତି ଅର୍ଜନ କରିବାକୁ ହେଲେ ରିଜର୍ଭ ବ୍ୟାଙ୍କର ଆଗୁଆ ଅନୁମୋଦନ ଲାଭ କରିବା ଆବଶ୍ୟକ । ଯାହା ହେଉ, ଗୋଟିଏ ବିଦେଶୀ କମ୍ପାନୀ ଯଦି ଭାରତରେ ଲିଆସନ୍ କାର୍ଯ୍ୟାଳୟ୍ ସ୍ଥାପନ କରିଥାଏ, ଏହା ସ୍ଥାବର ସମ୍ପତ୍ତି ଅର୍ଜନ କରିପାରିବ ନାହିଁ। ସେପରି କ୍ଷେତ୍ରରେ ସଂପର୍କ କାର୍ଯ୍ୟାଳୟ୍ ଗୁଡ଼ିକ ୫ ବର୍ଷରୁ ଅଧିକ ସମୟ୍ ଅବଧି ହୋଇ ନଥିବା ପଟ୍ଟା (ଲିଜ୍) ଉପାୟ୍‌ରେ ସଂପତ୍ତି ନେଇ ପାରିବେ ।

ଉପର

ପ୍ର-୯ ଭାରତରେ ସ୍ଥାବର ସମ୍ପତ୍ତି ଉପହାର ସୂତ୍ରରେ ହାସଲ କରିହେବ କି ?

(କ) ହଁ, ଏନଆରଆଇ ଏବଂ ପିଆଇଓ ମୁକ୍ତ ଭାବରେ ଭାରତରେ ସ୍ଥାବର ସମ୍ପତ୍ତି ନିମ୍ନଲିଖିତ ମାନଙ୍କଠାରୁ ଉପହାର ସୁତ୍ରରେ ହାସଲ କରିପାରିବେ,

(i) ଭାରତରେ ବାସ କରୁଥିବା ବ୍ୟକ୍ତି କିମ୍ବା

(ii) ଏନ୍‌ଆର୍‌ଆଇଙ୍କର ଥିବ କିମ୍ବା

(iii) ପିଆଇଓ ଯାହା ହେଉ, ସେ ସମ୍ପତ୍ତି କେବଳ ବ୍ୟବସାୟିକ ବା ବାସକରିବା ନମନ୍ତେ ହୋଇଥିବ ।

ଭାରତରେ କୃଷି ଜମି/କୃଷି ଉଦ୍ୟାନ ସଂପତ୍ତି/କୃଷି ଭିତ୍ତିକ ଗୃହକୁ ଉପହାର ସୂତ୍ରରେ ଅର୍ଜନ କରିହେବ ନାହିଁ ।

(ଖ) ଜଣେ ବିଦେଶୀ ନାଗରିକ ଅଣ-ଭାରତୀୟ ବଂଶୋଦ୍ଭବ ହୋଇ ଭାରତ ବାହାରେ ବସବାସ କରୁଥିଲେ ଭାରତରେ କୌଣସି ସ୍ଥାବର ସମ୍ପତ୍ତି ଉପହାର ସୂତ୍ରରେ ହାସଲ କରିପାରିବେ ନାହିଁ।

ପ୍ର-୧୦- ଜଣେ ଅଣ-ବାସିନ୍ଦା ଭାରତରେ ନରହି ଉତ୍ତରାଧିକାରୀ ସୂତ୍ରରେ ସ୍ଥାବର ସମ୍ପତ୍ତି ହାସଲ କରିହେବ କି ?

ହଁ, ଭାରତ ବାହାରେ ରହୁଥିବା ବ୍ୟକ୍ତି ଯଥା,

(i) ଜଣେ ଏନଆରଆଇ

(ii) ଜଣେ ପିଆଇଓ ଏବଂ

(iii) ଜଣେ ବିଦେଶୀ ଅଣ-ଭାରତୀୟ ବଂଶୋଦ୍ଭବ, ଜଣେ ଆଗରୁ ଭାରତରେ ବାସ କରୁଥିବା ବ୍ୟକ୍ତିଙ୍କଠାରୁ ଉତ୍ତରାଧିକାର ସୂତ୍ରରେ ନେଇପରିବେ ଓ ଧାରଣ କରି ପାରିବେ । ମାତ୍ର, ପାକିସ୍ତାନ, ବାଙ୍ଗଲାଦେଶ, ଶ୍ରୀଲଙ୍କା, ଆଫଗାନିସ୍ତାନ, ଚୀନ, ଇରାନ, ନେପାଳ ଏବଂ ଭୁଟାନର ନାଗରିକ, ରିଜର୍ଭ ବ୍ୟାଙ୍କର ନିର୍ଦ୍ଦିଷ୍ଟ ସ୍ୱୀକୃତୀ ହାସଲ କରିଥିବା ଉଚିତ।

ପ୍ର-୧୧- ଭାରତରେ ରହୁନଥିବା ବ୍ୟକ୍ତି କାହାଠାରୁ ସ୍ଥାବର ସମ୍ପତ୍ତିର ଉତ୍ତରାଧିକାରୀ ହୋଇପାରିବେ ?

ଭାରତ ବାହାରେ ରହୁଥିବା ବ୍ୟକ୍ତି (ଯଥା ଏନଆରଆଇ, କିମ୍ବା ପିଆଇଓ କିମ୍ବା ବିଦେଶୀ ଅଣଭାରତୀୟ ବଂଶୋଦ୍ଭବ)

(କ) ଜଣେ ଭାରତୀୟ ବାସିନ୍ଦା

(ଖ) ଜଣେ ଭାରତୀୟ ଅଣ-ବାସିନ୍ଦାଙ୍କ ଠାରୁ ଉତ୍ତରାଧୀକାର ସୂତ୍ରରେ ସ୍ଥାବର ସଂପତ୍ତି ହାସଲ କରି ପରିବେ

ମାତ୍ର ଯାହାଙ୍କ ଠାରୁ ସମ୍ପତ୍ତିର ଉତ୍ତରାଧିକାର ହାସଲ ହେବ, ସେ ସେହି ସମ୍ପତ୍ତିକୁ ଅର୍ଜନ କଲାବେଳର ପ୍ରଯୁଜ୍ୟ ବଦେଶୀ ମୁଦ୍ରା ନିୟମକ ଗୁଡ଼ିକ ଅନୁସାରେ ହାସଲ କରିଥିବା ଦରକାର।

ଉପର

(II) ଭାରତ ରେ ସ୍ଥାବର ସମ୍ପତ୍ତିର ହସ୍ତାନ୍ତର

(i) ବିକ୍ରିଦ୍ୱାରା ହସ୍ତାନ୍ତର

ପ୍ର-୧୨- ଜଣେ ଏନଆରଆଇ/ପିଆଇଓ/ବିଦେଶୀ ନାଗରିକ ତାଙ୍କର ବାସ ଉପଯୋଗୀ/ବ୍ୟବସାୟିକ ସମ୍ପତ୍ତି ବିକ୍ରି କରିପାରିବେ କି ?

(କ) ଜଣେ ଏନଆରଆଇ,

i. ଜଣେ ଭାରତ ନିବସୀ ବା
ii. ଜଣେ ଏନ୍.ଆର୍.ଆଇ ବା
iii. ଜଣେ ପି.ଆଇ.ଓ ଙ୍କୁ ସମ୍ପତ୍ତି ବିକ୍ରୀକରିପାରିବେ ।

(ଖ) ପିଆଇଓ ଭାରତରେ ସମ୍ପତ୍ତି ବିକ୍ରି କରି ପାରିବେ। କ୍ରେତା ଯେକି,

i. ଜଣେ ବ୍ୟକ୍ତି ଭାରତରେ ରହୁଥିବେ,
ii. ଜଣେ ଏନଆର୍‌ଆଇ, କିମ୍ବା,

iii. ଜଣେ ପିଆଇଓ- ଯେକି ରିଜର୍ଭ ବ୍ୟାଙ୍କର ପୂର୍ବ ସ୍ୱୀକୃତି ଲାଭ କରିଥିବେ।

(ଗ) ଅଣ ଭାରତୀୟ ବଂଶୋଭବ ବିଦେଶୀ ନାଗରିକ ଯେଉଁଥିରେ ପାକିସ୍ତାନ କିମ୍ବା ବାଙ୍ଗଲାଦେଶ କିମ୍ବା ଶ୍ରୀଲଙ୍କା କିମ୍ବା ଆଫଗାନିସ୍ତାନ କିମ୍ବା ଚୀନ କିମ୍ବା ଇରାନ, କିମ୍ବା, ନେପାଳ କିମ୍ବା ଭୁଟାନର ନାଗରୀକ ଅନ୍ତଭୁକ୍ତ ସେ ରିଜର୍ଭ ବ୍ୟାଙ୍କର ଆଗୁଆ ଅନୁମୋଦନ ଲାଭ କରି ଭାରତସ୍ତ ସଂପତ୍ତି ଜଣେ :

i. ଭାରତ ନିବାସୀ ବା
ii. ଏନ୍ଆରଆଇ ବା
iii. ଜଣେ ପିଆଇଂକୁ ବିକ୍ରୀ କରିପାରିବେ

ପ୍ର-୧୩- ଜଣେ ଭାରତର ଅଣ-ବାସିନ୍ଦା ସେ ଭାରତରେ ଧାରଣ କରିଥିବା ଚାଷଜମି/ ଉଦ୍ୟାନ କୃଷି ସମ୍ପତ୍ତି/କୃଷିଭିତ୍ତିକ ଗୃହକୁ ବିକ୍ରି କରିପାରିବେ କି ?

(କ) ଏନଆରଆଇ/ପିଆଇଓ ନିଜର ଚାଷଜମି/ଉଦ୍ୟାନ କୃଷି ସମ୍ପତ୍ତି/କୃଷିଭିତ୍ତିକ ଗୃହକୁ ଭାରତରେ ରହୁଥିବା ତଥା ଭାରତୀୟ ନାଗରିକ ହୋଇଥିବା ବ୍ୟକ୍ତିଙ୍କୁ ବିକ୍ରି କରିପାରିବେ।

(ଖ) ଜଣେ ଭାରତବାହାରେ ବାସକରୁଥିବା ଅଣଭାରତୀୟ ବଂଶୋଭବ ବିଦେଶୀଙ୍କ କ୍ଷେତ୍ରରେ ଚାଷଜମି/ଉଦ୍ୟାନ କୃଷି ସମ୍ପତ୍ତି/କୃଷି ଭିତ୍ତିକ ଗୃହ ବିକ୍ରି ନିମନ୍ତେ ରିଜର୍ଭ ବ୍ୟାଙ୍କର ପୂର୍ବ ସ୍ୱୀକୃତୀ ଆବଶ୍ୟକ।

ଉପର

(ii) ଉପହାର ଦ୍ୱାରା ହସ୍ତାନ୍ତର :

ପ୍ରଶ୍ନ-୧୪- ଭାରତରେ ରହୁନଥିବା ବ୍ୟକ୍ତି ବାସସ୍ଥାନ/ବ୍ୟବସାୟିକ ସମ୍ପତ୍ତି ଉପହାର ଦେଇପାରିବେ କି ?

ହଁ,

(କ) ଏନଆରଆଇ/ପିଆଇଓ ନିଜର ବାସସ୍ଥାନ/ବ୍ୟବସାୟିକ ସମ୍ପତ୍ତି ଯାହାକୁ ଉପହାର ଦେବେ ସେ,

i. ଜଣେ ଭାରତର ବାସିନ୍ଦାଥିବେ କିମ୍ବା,
ii. ଜଣେ ଏନଆରଆଇ ଥିବେ କିମ୍ବା
iii. ଜଣେ ପିଆଇଓ ଥିବେ

(ଖ) ବିଦେଶୀ ଅଣ ଭାରତୀୟ ବଂଶୋଭବ ରିଜର୍ଭ ବ୍ୟାଙ୍କଙ୍କ ପୂର୍ବ ସ୍ୱୀକୃତୀ ଆବଶ୍ୟକ କରିବେ।

ପ୍ର-୧୫- ଏନ୍ଆର୍ଆଇ/ପି.ଆଇ.ଓ/ବିଦେଶୀ ନାଗରିକ ଭାରତରେ ଥିବା ନିଜର ଚାଷଜମି/ଉଦ୍ୟାନ କୃଷି ସମ୍ପତ୍ତି/କୃଷି ଭିତ୍ତିକ ଗୃହ ଉପହାର ଦେଇପାରିବେ କି ?

ବ) ଏନଆରଆଇ/ପିଆଇଓ କେବଳ ଉପହାର ସୂତ୍ରରେ ଜଣେ ଭାରତୀୟ ବାସିନ୍ଦା ଯେକି ଭାରତର ନାଗରିକ ଥିବେ, ତାଙ୍କୁ ଦେଇ ପାରିବେ।

ଭ) ବିଦେଶୀ ନାଗରୀକ ଅଣଭାରତୀୟ ବଂଶୋଭବଙ୍କ କ୍ଷେତ୍ରରେ ରିଜର୍ଭ ବ୍ୟାଙ୍କର ପୂର୍ବ ସ୍ୱୀକୃତି ଆବଶ୍ୟକ।

(iii) ବନ୍ଧକ ଦ୍ୱାରା ହସ୍ତାନ୍ତର

ଉପର

ପ୍ର-୧୬ ବାସସ୍ଥାନ/ବ୍ୟବସାୟିକ ସମ୍ପତ୍ତିକୁ ବନ୍ଧକ ରଖାଯାଇପାରିବ କି ?

(i) ଏନଆରଆଇ/ପିଆଇଓ ବନ୍ଧକ ଦେଇ ପାରିବେ।

ଗ୍ରହଣ :

ବ) ଗୋଟିଏ ପ୍ରାଧିକୃତ/ଭାରତୀୟ ଗୃହ ଋଣ ପ୍ରଦାନ କାରୀ ଆର୍ଥିକ ସଂସ୍ଥା ଏହା ରିଜର୍ଭ ବ୍ୟାଙ୍କର ବିନା ସ୍ୱୀକୃତିରେ ହୋଇପାରିବ।

ଭ) ଭାରତ ବାହାର ଗ୍ରହୀତାଙ୍କ କ୍ଷେତ୍ରରେ ରିଜର୍ଭ ବ୍ୟାଙ୍କର ପୂର୍ବ ସ୍ୱୀକୃତି ଆବଶ୍ୟକ।

(ii) ବିଦେଶୀ ଅଣ ଭାରତୀୟ ବଂଶୋଭବ ରିଜର୍ଭ ବ୍ୟାଙ୍କର ପୂର୍ବ ସ୍ୱୀକୃତି ଅନୁସାରେ ବନ୍ଧକ ଦେଇପାରିବେ।

(iii) ବିଦେଶୀ ବ୍ୟବସାୟୀକ ସଂସ୍ଥା ଯାହାକି ଏଫଇଆରଏ/ଏଫଇଏମଏ ନିୟାମକ ସର୍ତ୍ତାବଳୀ ଅନୁସାରେ ଭାରତରେ ଶାଖା କାର୍ଯ୍ୟାଳୟ କିମ୍ବା ଅନ୍ୟ ବ୍ୟବସାୟିକ ସ୍ଥାନ ସ୍ଥାପିତ କରିଥିବ ସେ ଭାରତୀୟ ସ୍ୱୀକୃତି ପ୍ରାପ୍ତ ବ୍ୟବସାୟୀଙ୍କ ପାଖରେ ବନ୍ଧକ ରଖିପାରିବେ।

ଉପର

(III) କ୍ରୟର ଦେୟ ପ୍ରଣାଳୀ

ପ୍ର-୧୭-ଏନଆରଆଇ/ପିଆଇଓ ଭାରତରେ କ୍ରୟ କରିଥିବା ବାସସ୍ଥାନ/ବ୍ୟବସାୟୀକ ସମ୍ପତ୍ତିର ଦେୟ କିପରି କରିବେ ?

ଏନଆରଆଇ/ପିଆଇଓଙ୍କ ଦ୍ୱାରା ନିମ୍ନ ପ୍ରକାରରେ କ୍ରୟ ବାବଦକୁ ଦେୟ ପୈଠ ହୋଇ ପାରିବ।

(କ) ନିୟମିତ ବ୍ୟାଙ୍କିଙ୍ଗ୍ ମଧ୍ୟମରେ ଭାରତକୁ ପ୍ରେଷିତ ପାଣ୍ଠିରୁ ବା ।

(ଖ) ଭାରତରେ ଚାଲୁ ରଖିଥିବା ଏନ୍ଆରଇ/ଏଫ୍ସିଏନ୍ଆର (ବି) ଏନ୍ଆର୍ଓ ଆକାଉଣ୍ଟରେ ଗଚ୍ଛିତ ଜମାପାଣ୍ଠିରୁ କୌଣସି ଦେୟ ଯାତ୍ରାକାଳୀନ ଚେକ୍ କିମ୍ବା ବିଦେଶୀ କରେନ୍ସି ନୋଟ୍ ରେ ହେବ ନାହିଁ।କୌଣସି ଦେୟ ପରିଶୋଧ ଭାରତ ବାହାରେ ହେବ ନାହିଁ।

ପ୍ର-୧୮ ଯଦି ଦରଖାସ୍ତ ସହ ପଠାଇଥିବା ଅର୍ଥ/ଦେୟ କରିଥିବା ଅର୍ଥ, ଘର/ଜମି (ପଟାଳି) ଆବଣ୍ଟନ ନ ହୋଇ ପାରିବା ହେତୁ ଅର୍ଥ ବୁକିଂ/ଚୁକ୍ତି ରଦ୍ଦହେତୁ ନିର୍ମାଣ-ଏଜେନ୍ସିମାନେ/ବିକ୍ରେତା ଫେରସ୍ତ ଦିଅନ୍ତି, ସେଥିରେ ବିକଳ୍ପ କ'ଣ ?

ଫେରିଆସିଥବା ରାଶି ସହିତ ଆୟକର ବାଦ୍ ଗଲାପରେ ମିଳୁଥବା ସୁଧ ପରିମାଣକୁ ମିଶାଇ ଏନ୍ଆର୍ଇ ଆକାଉଣ୍ଟ୍ ରେ କ୍ରେଡ଼ିଟ୍ କରାଯାଇପାରିବ। ଏନ୍.ଆର୍ .ଇ ଆକାଉଣ୍ଟରେ ଫେରସ୍ତ ରାଶି ମଶାଇ ଦେବାର ସର୍ତ୍ତ : ମୌଳିକ ଦେୟ (ଅରିଜିନାଲ୍ ପେମେଣ୍ଟ) ଭାରତବାହାରୁ ପଠାଇଥିବା ରାଶିରେ ହୋଇଥିବ କିମ୍ବା
ଏନ୍ଆର୍ଇ /ଏଫ୍ସିଏନ୍ଆର(ବି) ଆକାଉଣ୍ଟର ଗଚ୍ଛିତ ରାଶିରୁ ହୋଇଥିବ (ଏଫ୍ଡିଆଇଆର୍) ପରିପତ୍ର ସଂ ୪୬ ତା ୧୨.୧୧.୨୦୦୨ ଦେଖନ୍ତୁ ।

ଉପର

ପ୍ର-୧୯- ନିଜର ଏନ୍ଆରଇ ମିଆଦି ଆକାଉଣ୍ଟରେ /ଏଫ୍ସିଏନ୍ଆର(ବି) ଆକାଉଣ୍ଟରେ ଥିବା ପାଣ୍ଠିକୁ ଜାମାନତ ରଖି ଜଣେ ଏନ୍ ଆର୍ ଆଇ/ପିଆଇଓ ପ୍ରାଧିକୃତ ଡ଼ିଲରଙ୍କ ଠାରୁ ନିଜରହଣି ପାଇଁ ଫ୍ଲାଟ୍/ଗୃହ ଉଦ୍ଦେଶ୍ୟରେ ଋଣ ଉଠାଇ ପାରିବେ କି ?

ହଁ, ସେଭଳି ଋଣ ସମୟାନୁସାରେ ସଂଶୋଧିତ ଏଫ୍.ଇ.ଏମ୍.ଏ ଅଧିସୂଚନା ସଂ ୫/୨୦୦୦-ଆରବି ତା ୫.୩.୨୦୦୦ର ଅନୁସୂଚୀ ୧ ଏବଂ ୨ରେ ଉଲ୍ଲେଖିତ ରହିଛି। ମାତ୍ର ନୂତନ ଋଣ ଦେବାରେ ବା ପୂର୍ବରୁ ଦେଇଥିବା ଋଣକୁ ୨୦ ଲକ୍ଷ ଟଙ୍କାରୁ ବଢ଼ାଇବାରେ, ଏନ୍ଆରଇଓ ଏଫ୍.ସିଏନ୍ ଆର(ବି) ଆକାଉଣ୍ଟରେ ଗଚ୍ଛିତ ପାଣ୍ଠିକୁ ଜମାନତରଖି, ବ୍ୟାଙ୍କ୍ ମାନେ ଜମାକର୍ତ୍ତା ବା ତୃତୀୟପକ୍ଷଙ୍କୁ ଦେଇପାରିବ ନାହିଁ ।

(ଏପି (ଡ଼ିଆଇଆର) ସିରିଜ୍) ପରପତ୍ର ସଂ୨୯ ତା ୩୧.୧.୨୦୦୬)

ସେଭଳି ଋଣ ନିମ୍ନମତେ ପରିଶୋଧ କରାଯାଇଥାଏ।

(କ) ନିୟମିତ ବ୍ୟାଙ୍କି ମାଧ୍ୟମରେ ଦେଶବାହାରୁ ପାଣ୍ଠି ପ୍ରେଷଣ ଦ୍ୱାରା, ବା

(ଖ) ଏନଆରଇ/ଏଫସିଏନଆର(ବି)/ଏନଆରଓ ଗଚ୍ଛିତ ଜମାରୁ ଉଠାଣ ସୂତ୍ରରେ, କିମ୍ବା

(ଗ) ସେପରି ସମ୍ପତ୍ତିର ଭଡା ସୂତ୍ରରୁ କିମ୍ବା

(ଘ) କମ୍ପାନୀ ଆଇନ୍ ୧୯୫୬ରେ ଧାରା ୬ ଠାରେ ସଜ୍ଞାକୃତ ନିକଟସମ୍ପର୍କୀୟ ମାନଙ୍କ ଭାରତରେ ଥିବା ଆକାଉଣ୍ଟରୁ ଉଠାଇ ଋଣକର୍ତ୍ତାଙ୍କର ଋଣ ଆକାଉଣ୍ଟ୍ ରେ ଭରଣା କରି ।

ପ୍ରତ୍ୟାବର୍ତ୍ତନ (ରିପାଟ୍ରିଏସନ୍)

(କ) ସଂପତ୍ତି ଅର୍ଜନ କରିବା ପାଇଁ ବା ସଂପତ୍ତି ନିମିତ୍ତ କରିଥିବା ଋଣ ପରିଶୋଧ ପାଇଁ, ଯଦି ଧନରାଶି ଦେଶ ବାହାରୁ ପ୍ରେଷିତ/ପ୍ରେରିତ ହୋଇଥାଏ

ବା ଏନ୍ ଆରଇ/ଏଫ୍‌ସିଏନ୍‌ଆର(ବି) /ଏନ୍‌ଆରଓ ଆକାଉଣ୍ଟକୁ ଡ଼େବିଟ୍ ହୋଇଥାଏ, ତେବେ ମୂଳଧନ ପରିମାର୍ ଭାରତ ବାହାରକୁ ପ୍ରେରିତ କରାଯାଇ ପାରିବ

ଏଥି ନିମିତ୍ତ 'ଦେଶ ବାହାରକୁ ରିପାଟ୍ରିଏସନ୍'ର ଅର୍ଥ :-

(i) ଭାରତ ଭିତରେ ଗୋଟିଏ ଅଥରାଇଜ୍‌ଡ ଡ଼ିଲର (ପ୍ରାଧିକୃତ ବ୍ୟାପାରୀ)ଙ୍କ ଠାରୁ ବିଦେଶୀମୁଦ୍ରା କ୍ରୟ କରିବା, ଉଠାଇବା, ତାହାକୁ ନିୟମିତ ବ୍ୟାଙ୍କି ମାଧ୍ୟମରେ ଭାରତ ବାହାରକୁ ପଠାଇବା କିମ୍ବା ଏହାକୁ ବିଦୋଶୀ ମୁଦ୍ରାରେ ଖୋଲା ଯାଇଥିବା ଆକାଉଣ୍ଟରେ ଜମାକରିବା ବା ଏକ ପ୍ରାଥିକୃତ ଡ଼ିଲର ପାଖରେ ଭାରତୀୟ ମୁଦ୍ରାରେ ଖୋଲାଯାଇଥିବା ଏକାଉଣ୍ଟରେ ରଖିବା, ଯେଉଁଥିରୁ ତାହା ବିଦେଶୀ ମୁଦ୍ରାରେ ପରିଣତ କରାଯାଇ ପାରିବ ।

(ଖ) ଯଦି ଭାରତୀୟ ମୁଦ୍ରା ଉତ୍ସରୁ ସଂପତ୍ତି ଅର୍ଜିତ ହୋଇଥାଏ ଓ ଆତ୍ମୀୟ ସ୍ୱଜନଙ୍କ ଦ୍ୱାରା ଭାରତରେ ପରେଶୋଧ କରାଯାଇଥାଏ, (୧୯୯୫) ମସିହାର କମ୍ପାନୀ ଆଇନର ଧାରା) ଠାରେ 'ଆତ୍ମୀୟସ୍ୱଜନ' କୁ ସଂଜ୍ଞାକୃତ କରାଯାଇଛି) ତେବେ, ଏନ.ଆର.ଆଇ/ପି.ଆଇ.ଓ ଙ୍କର ଏନ୍.ଆର.ଓ ଆକାଉଣ୍ଟରେ ସମ୍ପତ୍ତିରେ ବିକ୍ରି ଟଙ୍କା ପରିମାଣକୁ କ୍ରେଡ଼ିଟ୍ କରାଯାଇ ପାରିବ । ସଂପତ୍ତି ବିକ୍ରୀରୁ ପୁଞ୍ଜୀଗତ ଅଭିଲାଭ (କାପିଟାଲ୍ ଗେନ୍‌ସ୍) ହୋଇଥିଲେ, ତାହା ମଧ୍ୟ ଏନ୍.ଆର୍. ଓ ଆକାଉଣ୍ଟ (ଜମାଖାତା) ରେ ଜମା କରାଯାଇ ପାରିବ । ଏଥିନିମନ୍ତେ ପ୍ରାଧିକୃତ ଡ଼ିଲର୍ ମାନେ ଏନ୍.ଆର୍.ଆଇ/ପି.ଆଇ.ଓ ମାନଙ୍କୁ ସେମାନଙ୍କର ଏନ୍.ଆର୍.ଓ ଆକାଉଣ୍ଟରୁ ଆର୍ଥିକ ବର୍ଷ ଭିତରେ ୧ନିୟୁତ ଆମେରିକିୟ ଡ଼ଲାର୍ ପର୍ଯ୍ୟନ୍ତ ରାଶି ଭାରତ ବାହାରକୁ ପଠାଇ ପାରିବାର ଅନୁମତି ଦେଇଥାନ୍ତି । ଅନୁମତି ଦେବାପୂର୍ବରୁ ପ୍ରାର୍ଥିକୃତ ଡ଼ିଲର୍ ମାନେ, ଟଙ୍କା ପଠାଇବାର ବାସ୍ତବିକ (ବୋନାଫାଇଡ୍) କାରଣ ସମ୍ବନ୍ଧରେ ସନ୍ତୁଷ୍ଟ ହୋଇଥିବା ଦରକାର ତଥା ସେପରି ପ୍ରେରଣ ଭାରତୀୟ ଟକସ ନିୟମ ପରିପାଳନ କରି ହେଉଥିବା ଦରକାର ।

(କ) ଦେୟ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କିମ୍ବା ଏନଆରଇ/ଏଫସିଏନଆର(ବି)/ଏନଆରଓ ଧାରକ ଜମାଖାତାରୁ ସମ୍ପତ୍ତି ହାସଲ କିମ୍ବା ଋଣ ଦେୟ ପାଇଁ ମୁଖ୍ୟ ପରିମାଣ ଭାରତ ବାହାରେ ଗ୍ରହଣ କରାଯାଇପାରିବ।

ଏହି ପ୍ରଣାଳୀରେ କୌଣସି ସ୍ୱୀକୃତି ପ୍ରାପ୍ତ ଭାରତ ବ୍ୟବସାୟୀଙ୍କ ଦ୍ୱାରା ଦେୟ ରାଶିକୁ ବୈଦେଶିକ ମୁଦ୍ରାରେ ପରିବର୍ତ୍ତନ କରାଯାଇଥାଏ।

(ଖ) ଯଦି ସମ୍ପତ୍ତିର ଦେୟ ଭରଣ/ଭାରତୀୟ ନିକଟ ସଂପର୍କୀୟ ଙ୍କ ଦ୍ୱାରା କରାଯାଏ ତେବେ ପରିମାଣ ରାଶି ଏପଆରଆଇ/ପିଆଇଓଙ୍କ ଏନଆରଓ ଜମା ସହ ମିଶିଯାଏ, ସମ୍ପତ୍ତି ବିକ୍ରି ଦ୍ୱାରା ଅଧିକ ଲାଭାଂଶ ଏନଆରଓ ଜମାରେ ମିଶିଥାଏ।

ଗୋଟିଏ ଆର୍ଥିକ ବର୍ଷରେ ଏନଆରଆଇ/ପିଆଇଓ ଏକ ନିୟୁତ ପଯ୍ୟର୍ନ୍ତ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିପାରିବେ।

ଉପର

ପ୍ରଶ୍ନ-୨୦ ଏନଆରଆଇ/ପିଆଇଓ ଭାରତର କୌଣସି ପ୍ରାଥିକୃତ ଡ଼ିଲର୍ ବା ଗୃହ ଋଣ ସଂସ୍ଥା (ଯାହାକି ନ୍ୟାସନାଲ୍ ହାଉସିଂ ବ୍ୟାଙ୍କ ଦ୍ୱାରା ଅନୁମୋଦିତ)ଙ୍କ ଠାରୁ ବାସଗୃହ କ୍ରୟ ଉଦ୍ଦେଶ୍ୟରେ କିମ୍ବା ମରାମତି /ନବୀକରଣ/ବିକାଶ ପାଇଁ ଭାରତୀୟ ମୁଦ୍ରାରେ ଋଣ ଗ୍ରହଣ କରିପାରିବେ କି ? ଏହି ଋଣ କିଭଳି ଶୁଝିହେବ ?

ହଁ, ଏନଆରଆଇ/ପିଆଇଓ ଏକ ଗୃହଋଣ ସଂସ୍ଥା କିମ୍ବା ପ୍ରାଥିକୃତ ଡ଼ିଲରଙ୍କ ଠାରୁ କେତେକ ନିର୍ଦ୍ଦିଷ୍ଟ ସର୍ତ୍ତ ପୂରଣ କରି ଭାରତୀୟ ଟଙ୍କା ଆକାରରେ ଋଣ ଗ୍ରହଣ କରିପାରିବେ । (ଦୟାକରି ଅଧିସୂଚନା ସଂଖ୍ୟା ଫେମା ୪/୨୦୦୦ ଆରବି ତା ୩.୫.୨୦୦୦ ରିଖର ନିୟାମକ ୮ ଏବଂ ଏ.ପି.(ଡ଼ିଆଇଆର ସିରିଜ୍) ପରିପତ୍ର ସଂଖ୍ୟା ୯୫, ତା ୨୬.୪.୨୦୦୩ କୁ ଅନୁଧ୍ୟାନ କରନ୍ତୁ)

ସେପରି ଋଣ ନିମ୍ନ ମତେ ପରିଶୋଧ କରାଯାଇପାରେ :
(କ)ନିୟମି ବ୍ୟାଙ୍କ ମାଧ୍ୟମରେ ଦେଶବାହାରୁ ଟଙ୍କା ଅଣାଇ, ବା
(କ) ଏନଆରଇ/ଏଫ.ସି.ଏନ୍ଆର(ବି)/ଏନ୍.ଆର୍ଓ ଜମାର ଧାରକୁ ଯେ ବା
(ଗ) ସମ୍ପତ୍ତିରୁ ଭଡା ସୂତ୍ରରେ।
(ଘ) ଋଣ ଗ୍ରହୀତାଙ୍କ ନିକଟ ସଂପର୍କୀୟଙ୍କ ଠାରୁ (ଯାହାକି କମ୍ପାନୀ ଆକ୍ଟ ୧୯୫୬ ଧାରା ୬ରେ ଦର୍ଶିତ ହୋଇଛି)

ପ୍ରଶ୍ନ-୨୧- ଏନଆରଆଇ/ପିଆଇଓ ସେମାନଙ୍କ ଭାରତସ୍ଥ ଚାକରୀ ଦାତାଙ୍କ ଠାରୁ ଗୃହ ଋଣ ଉପଲବ୍ଧ କରାଇପାରିବେ କି ?

ହଁ କେତେକ ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ପରିପୂରଣ କରି (ଅଧିସୂଚନା ସଂ ଏଫ୍ଇଏମ୍ଏ.୪/୨୦୦୦-ଆର୍ ବି ତା୩.୫.୨୦୦୦ ର ନିୟାମକ ୮.ଏ ଏବଂ ଏପି (ଡିଆଇଆର୍ ସିରିଜ) ପରିପତ୍ର ନଂ ୨୭ ତା ୧୦.୧୦.୨୦୦୩କୁ ଦୟାକରି ଦେଖନ୍ତୁ)

ଉପର

(iv) ଏନଆରଆଇ/ ପିଆଇଓଙ୍କ ଦ୍ଵାରା କିଣିଥିବା ବାସସ୍ଥାନ/ ବ୍ୟବସାୟୀକ ସମ୍ପତ୍ତିର ବିକ୍ରିମୂଲ୍ୟର ରିପାଟ୍ରିଏସନ୍ (ପ୍ରତ୍ୟାବର୍ତ୍ତନ) ।

ପ୍ର-୨୨ ଏନ୍ଆର୍ଆଇ /ପି.ଆଇ.ଓ ଭାରତ ଭିତରେ କରିଥିବା ସ୍ଥାବର ସଂପତ୍ତିର ବିକ୍ରୀ ଲବ୍ଧ ରାଶିକୁ ଭାରତ ବାହାରକୁ ପ୍ରତ୍ୟାବର୍ତ୍ତନ (ରିପାଟ୍ରିଏସନ୍) କରିପାରିବେ କି ? ଯଦି କରିପାରିବେ, ସେଥିନେଇ ସର୍ତ୍ତ କ'ଣ ଅଛି ?

ଜଣେ ଏନ୍ଆର୍ଆଇ/ପି.ଆଇ.ଓ ସ୍ଥାବର ସମ୍ପତ୍ତିର ବିକ୍ରୀ ଲବ୍ଧ ରାଶି ଭାରତ ବାହାରକୁ ରିପାଟ୍ରିଏସନ୍ କରିପାରନ୍ତି

(କ) ଯଦି ସେ ସମ୍ପତ୍ତି ବୈଦେଶିକ ମୁଦ୍ରା ଦ୍ଵାରା (ଯଥା :- ଭାରତକୁ ନିୟମିତ ବ୍ୟାଙ୍କିଙ୍ଗ୍ ମାଧ୍ୟମରେ ଆଣିବା/ଏନ୍ଆର୍ଇ/ଏଫ୍ସିଏନ୍ଆର(ବି) ଜମାଖାତାରୁ ଉଠାଇଥିବା) କିଣିଥିବେ, ତେବେ ଏବେ ପ୍ରତ୍ୟାବର୍ତ୍ତନ ନିମନ୍ତେ ଉଦ୍ଦିଷ୍ଟ ଧନରାଶି ସଂପତ୍ତିକୁ ଅର୍ଜନ କରିବା ପାଇଁ ଦେଇଥିବା ପରିମାଣ ଠାରୁ ଅଧିକ ହୋଇପାରିବ ନାହିଁ ।

ବିକ୍ରିଜନିତ ପ୍ରାପ୍ତ ଧନରାଶି ତଳ ଲିଖିତ ସୀମା ପର୍ଯ୍ୟନ୍ତ ହେବ ।

୧-ନିୟମିତ ବ୍ୟାଙ୍କିଙ୍ଗ୍ ଚାନେଲ ମାଧ୍ୟମରେ ବିଦେଶୀମୁଦ୍ରାରେ ପ୍ରାପ୍ତ ପରିମାଣ,

୨- ଏନ୍ଆର୍ଇ ଆକାଉଣ୍ଟରୁ ଉଠାଇ ଥିଲେ, (ସଂପତ୍ତି ପ୍ରାପ୍ତି ପାଇଁ ଦେୟ ତାରିଖରେ ତା'ର ସମପରିମାଣର ବିଦେଶୀମୁଦ୍ରା) ବା ଏଫସିଏନ୍ ଆର (ବି) ଆକାଉଣ୍ଟରୁ ସମ୍ପତ୍ତି କିଣିବା ପାଇଁ ଉଠାଇଥିବା ବିଦେଶୀ ମୁଦ୍ରା ପରିମାଣ ରିପାଟ୍ରିଏସନ୍ ନିମତ୍ତେ ଉଲ୍ଲିଖିତ କଟକଣା ସେପରି ୨ଟିରୁ ଅଧିକ ସମ୍ପତ୍ତି ପାଇଁ ଉପଲବ୍ଧ ହେବ ନାହିଁ ।

ଅର୍ଥାତ୍ ଅତିବେଶୀରେ ୨ଟି ସଂପତ୍ତିର ବିକ୍ରୀ ଧନରାଶି ବିଦେଶକୁ ପଠାଇ ପାରିବେ ।

(ଖ) ଯଦି ସମ୍ପତ୍ତି କିଣିବାର ଉତ୍ସ ଭାରତୀୟ ଟଙ୍କା ହୋଇଥାଏ, ଏନ୍ଆର୍ଆଇ ବା ପିଆଇଓ ତାଙ୍କର ଏନ୍ଆରଓ ଆକାଉଣ୍ଟରେ ବିକ୍ରିଲବ୍ଧ ଧନରାଶି ରଖି ସେଥିରୁ ପ୍ରତ୍ୟକେ ଆର୍ଥିକ ବର୍ଷ ମଧ୍ୟରେ ଅତିବେଶୀରେ ୧ ନିୟୁତ ଆମେରିକୀୟ ଡ଼ଲାର ପର୍ଯ୍ୟନ୍ତ ରିପାଟ୍ରିଏସନ୍ କରିପାରିବେ । (ଏହି ୧ ନିୟୁତ ଡ଼ଲାର ବିକ୍ରିମୂଲ୍ୟ ବ ସେଟଲ୍ ମେଣ୍ଟ (ବନ୍ଦୋବସ୍ତ) ଜନିତ ପ୍ରାପ୍ତ ସଂପତ୍ତିର ବିକ୍ରି ମୂଲ୍ୟ ଅନ୍ତର୍ଭୁକ୍ତ ।

ଉପରୋକ୍ତ ରିପାଟ୍ରିଏସନ୍ ପ୍ରାଧିକୃତ ଡ଼ିଲର୍ ମାନଙ୍କୁ ସନ୍ତୁଷ୍ଟ କରିପାରିଲା ଭଳି (ବୋନାଫାଇଡ୍) ବାସ୍ତବିକ ଉଦ୍ଦେଶ୍ୟ ସମ୍ବଳିତ ଏବଂ ଭାରତୀୟ ଟିକସ ନିୟମ ଉଲଂଘନ କରୁନଥିବ ।

ଉପର

ପ୍ର-୨୩ ଏନ୍‌ଆର୍‌ଆଇ/ପିଆଇଓ ବିକ୍ରି ରାଶିକୁ ଏନଆରଓ ଜମାଖାତାରେ ଜମାକରି ପରିବର୍ତ୍ତି ସମୟରେ ପ୍ରତ୍ୟାବର୍ତ୍ତନ (ରିପାଟ୍ରିଏସନ୍) କରାଇପାରିବେ କି ?

ଏନଆରଓ ଜମାକୁ ଏନଆରଆଇ/ପିଆଇଓ ଏକ ନିୟୁତ ଆମେରିକୀୟ ଡ଼ଲାର୍ ପର୍ଯ୍ୟନ୍ତ ଗୋଟିଏ ଆର୍ଥିକ ବର୍ଷରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରାଇପାରିବେ।

ପ୍ରଶ୍ନ-୨୪ ଯଦି ଜଣେ ଏନ୍.ଆର୍.ଆଇ/ପିଆଇଓ କୌଣସି ପ୍ରାଧିକୃତ ଡ଼ିଲର୍ କିମ୍ବା ପ୍ରଦାନକାରୀ ଅନୁଷ୍ଠାନ ଠାରୁ ଭାରତୀୟ ଟଙ୍କାରେ ଋଣକରି ବାସ ଗୃହ ରୂପେ ସଂପତ୍ତି କିଣିଥାନ୍ତି, ପରେ ବିକ୍ରିକରି ବିକ୍ରିଲବ୍ଧ ରାଶିକୁ ସେ ରିପାଟ୍ରିଏସନ୍ କରିପାରେବେ କି ?

ହଁ, କିନ୍ତୁ ଋଣ ପରିବର୍ତ୍ତିକାଳରେ ଦେଶବାହାରୁ ପଠାଇଥିବା ରାଶିଦ୍ୱାରା କିମ୍ବା ଏନ୍‌ଆର୍‌ଇଏଫ୍/ ଏଫ୍.ସି.ଏନ୍.ଆର (ବି) ଜମାଖାତାର ଧାରକ ସୂତ୍ରରେ ଆଦାୟ ହୋଇଥିବା। (ଦୟାକରି ଏ.ପି. (ଡିଆଇଆର୍ ସିରିଜ) ପରିପତ୍ର ନଂ ୧୦୧ ତା ୫.୫.୨୦୦୩ ଦେଖନ୍ତୁ)

ପ୍ରଶ୍ନ-୨୫ ଯଦି ସମ୍ପତ୍ତି ବିଦେଶରୁ ପ୍ରେରିତ ଅର୍ଥରାଶି କିମ୍ବା ଏନ୍‌ଆର୍‌ଇ/ଏଫସିଏନଆର୍(ବି) ଆକାଉଣ୍ଟରୁ ଉଠାଇ କିଣା ହୋଇଥିବ, ତେବେ ସେ ସଂପତ୍ତିର ବିକ୍ରି ଲବ୍ଧରାଶିର ପ୍ରତ୍ୟାବର୍ତ୍ତନ କ'ଣ ସଂଗେ ସଂଗେ ହେବ ?

ହଁ, ହୋଇପାରିବ ।

ପ୍ରଶ୍ନ ୨୬- ଏନଆରଆଇ/ପିଆଇଓଙ୍କ ସମ୍ପତ୍ତି ବିକ୍ରିର ସଂଖ୍ୟା ଉପରେ କିଛି କଟକଣା ଅଛି କି ?ଯେଉଁ ସଂପତ୍ତିର ବିକ୍ରି ଲବ୍ଧ ଧନର ରିପାଟ୍ରିଏସନ୍ ଆଲୋଚନା ହେଉଛି ?

ହଁ, ଦୁଇଟିରୁ ଅଧିକବାସ ସ୍ଥାନ ବିକ୍ରିର ରାଶି ସ୍ୱଦେଶ ପ୍ରତ୍ୟାବର୍ତ୍ତନ ହୋଇପାରିବ ନାହିଁ।

ଉପର

ପ୍ର-୨୭- ଯଦି ଏନଆରଆଇ/ପିଆଇଓ ସ୍ଥାବର ସମ୍ପତ୍ତିକୁ ଉପହାର ସୂତ୍ରରେ ହାସଲ କରିଥାନ୍ତି, ତେବେ ସେମାନେ ତାହାର ବିକ୍ରି ରାଶିକୁ ଭାରତ ବାହାରକୁ ପତ୍ୟାବର୍ତନ କରିପାରିବେ କି ?

ଉପହାର ରୁପେ ପ୍ରାପ୍ତ ସ୍ଥାବର ସମ୍ପତ୍ତିର ବିକ୍ରି ରାଶି, କେବଳ ଏନ୍.ଆର୍.ଓ ଜମା ଖାତାରେ ମିଶିପାରିବ। ଏବଂ ସେଠାରୁ ଏନଆରଆଇ/ପିଆଇଓଗୋଟିଏ ଆର୍ଥିକ ବର୍ଷରେ ଏକ ନିୟୁତ ଆମେରିକୀୟ ଡ଼ଲାର ପର୍ଯ୍ୟନ୍ତ ପ୍ରତ୍ୟାବର୍ତ୍ତନ କରିବାର ହେବ।

ପ୍ର-୨୮- ଉତ୍ତରାଧିକାରୀ ସୂତ୍ରରେ ଜଣେ ଏନ୍‌ଆର୍‌ଆଇ/ପିଆଇଓଙ୍କୁ ପ୍ରାପ୍ତି ହୋଇଥିବା ସ୍ଥାବର ସଂପତ୍ତିକୁ ବିକ୍ରିକରି ବିକ୍ରିଲବ୍ଧ ଧନରାଶିକୁ ସେ ଭାରତ ବାହାରକୁ ପଠାଇ ପାରିବେ କି ?

ହଁ, ଜଣେ ଭାରତି ନିବାସୀଙ୍କ ଠାରୁ ସ୍ଥାବର ସଂପତ୍ତି ଉତ୍ତରାଧିକାର ସୂତ୍ରରେ ପ୍ରାପ୍ତି ହୋଇଥିଲେ, ସେ ସଂପତ୍ତିର ବିକ୍ରିଲବ୍ଧ ଧନରାଶିକୁ ଦେଶ ବାହାରକୁ ପଠାଇବା ଦିଗରେ ଜଣେ ଏନ୍‌ଆର୍‌ଆଇ /ପି.ଆଇ.ଓଙ୍କୁ ସାଧାରଣ ଅନୁମତି ମିଳିଛି ।

ଏନ୍‌ଆର୍ ଆଇମାନେ/ ଜଣେ ପିଆଇଓ ଆର୍ଥିକ ବର୍ଷ ପିଛା ୧ ନିୟୁତ ଆମେରିକିୟ ଡ଼ଲାର୍ କୁ ଅତିକ୍ରମ କରୁନଥିବା ପରିମିତ ରାଶିକୁ ଭାରତ ବାହାରକୁ ପଠାଇପାରିବେ । ଏହି ରିପାଟ୍ରିଏସନ୍ ନିମିତ୍ତ ସେ (ଏନ୍‌ଆର୍‌ଆଇ/ପି ଆଇଓ)

(i) ତାଙ୍କର ସଂପତ୍ତ ଅର୍ଜନ/ ଉତ୍ତରାଧିକାର କୁ ପ୍ରମାଣିତ କରୁଥିବା ଦସ୍ତାବେଜ୍ (ଡ଼କୁମେଣ୍ଟ୍),

(ii) ନିଜର (ପ୍ରେଷଣ କାରୀର) ଅଣ୍ଡରଟେକିଂ ;

(iii) ଭାରତ ସରକାରଙ୍କର ସେଣ୍ଟ୍ରାଲ ବୋର୍ଡଅଫ୍ ଡ଼ାଇରେକ୍ଟ ଟେକ୍ସଙ୍କର ପରିପତ୍ର ସଂ ୧୦/୨୦୦୨ ତା୯.୧୦.୨୦୦୨ ରିଖରେ ନିର୍ଦ୍ଦିଷ୍ଟ ଫର୍ମରେ ଜଣେ ଚାଟାର୍ଡ ଆକାଉଣ୍ଟାଣ୍ଟ୍ ଙ୍କ ଦ୍ୱାରା ପୂରଣ କରାଯାଇଥିବା ପ୍ରମାଣ ପତ୍ର, ଦାଖଲ କରିବେ । (ଏସବୁ ନିମନ୍ତେ ଏ.ପି.(ଡ଼ିଆରଆର୍ ସିରିଜ୍) ସାକୁର୍ଲାର୍ ସଂ. ୫୬ ତା

୨୬.୧୧.୨୦୦୨ ଦେଖନ୍ତୁ)

ଜଣେ ବିଦେଶୀ ନାଗରିକ (ଫରେନ୍ ନେସନାଲ) ଙ୍କ କ୍ଷେତ୍ରରେ , ଯଦିଓ ସଂପତ୍ତି ଜଣେ ଭାରତ ବାହାରର ବାସିନ୍ଦାଙ୍କ ଠାରୁ ଉତ୍ତରାଧିକାର ସୂତ୍ରରେ ପ୍ରାପ୍ତ ହୋଇଥିବ, ତଥାପି ମଧ୍ୟ ସେ ସମ୍ପତ୍ତିର ବିକ୍ରିଲବ୍ଧ ରାଶି ଭାରତ ବାହାରକୁ ପ୍ରତ୍ୟାବର୍ତ୍ତିତ(ରିପାଟ୍ରିଏଟେଡ୍) ହୋଇପାରିବ । ମାତ୍ର ଏଥି ନିମନ୍ତେ ରିଜର୍ଭ ବ୍ୟାଙ୍କ ଠାରୁ ଅଗ୍ରୀମ ଅନୁମୋଦନ ପ୍ରାପ୍ତ କରିବାକୁ ହେବ । ବିଦେଶୀଜଣକ, ସଂପତ୍ତିକୁ ଉତ୍ତରାଧିକାର ସୂତ୍ରରେ ପ୍ରାପ୍ତ ହୋଇଥିବାର ପ୍ରମାଣ କରୁଥିବା ଡ଼କୁମେଣ୍ଟ (ପ୍ରଲେଖ), ନିଜର ଅଣ୍ଡରଟେକିଂ (ସ୍ୱୀକାର) ଓ ଏକ ଚାଟାର୍ଡ ଆକାଉଣ୍ଟାଣ୍ଟ୍ ଙ୍କ ଦ୍ୱାରା ଦତ୍ତ ପ୍ରମାଣପତ୍ର (ଯେପରି ଉପରେ ଲେଖା ଅଛି) ସହିତ ରିଜର୍ଭ ବ୍ୟାଙ୍କରେ ଆବେଦନ କରିବାକୁ ହେବ ।

ଏହି 'ସାଧାରଣ ଅନୁମତି' ଜଣେ ପାକିସ୍ଥାନ, ବଂଗଳାଦେଶ, ଶ୍ରୀଲଙ୍କା, ଚୀନ, ଆଫଗାନିସ୍ଥାନ ଓ ଇରାନ୍ ରେ ନାଗରିକଙ୍କୁ ଉପଲବ୍ଧ ନୁହେଁ ଏବଂ ରିପାଟ୍ରିଏସନ୍ (ପ୍ରତ୍ୟାବର୍ତ୍ତନ) ନିମିତ ତାଙ୍କୁ ରିଜର୍ଭ ବ୍ୟାଙ୍କର ସ୍ୱତନ୍ତ୍ର/ନିର୍ଦ୍ଦିଷ୍ଟ ଅନୁମୋଦନ ପ୍ରାପ୍ତ କରିବାକୁ ହେବ ।

ଯେ ହେତୁ ଏଫ୍.ଇ.ଏମ୍. ଏରେ ନେପାଳ ଓ ଭୁଟାନର ନାଗରିକଙ୍କ ସହିତ ଭାରତୀୟ ଟଙ୍କାରେ କାରବାର କରିବା ପାଇଁ ସ୍ୱତନ୍ତ୍ର ଅନୁମତି ଅଛି, ବିଦେଶୀମୁଦ୍ରାରେ ଏପରି ସଂପତ୍ତି ବିକ୍ରୟଲବ୍ଧ ରାଶିକୁ ନେପାଳ ଓ ଭୁଟାନକୁ ପ୍ରତ୍ୟାବର୍ତ୍ତନ କରାଇବାର ପ୍ରଶ୍ନ ନାହିଁ ।

ଉପର

(v)ବିଦେଶ ସରକାରଙ୍କର ଦୂତାବାସ/କୁଟନୀଜ୍ଞ/ପରାମର୍ଶଦାତା (କନସୁଲେଟ୍‌ଜେନେରାଲ୍)ଙ୍କ ପାଇଁ ବ୍ୟବସ୍ଥା

ପ୍ର-୨୯-ବିଦେଶ ଦୂତାବାସ/କୁଟନୀଜ୍ଞ/ମୁଖ୍ୟ ପରାମର୍ଶଦାତା ଭାରତରେ ସ୍ଥାବର ସମ୍ପତ୍ତି ବିକ୍ରିକରି ପାରିବେ କି ?

ହଁ, ବିଦେଶୀ ଦୂତାବାସ/କୁଟନୀଜ୍ଞ/ପରାମର୍ଶଦାତା ମାନେ ଭାରତରେ ଚାଷଜମି/ ଉଦ୍ୟାନ କୃଷି ସମ୍ପତ୍ତି/କୃଷି ଭିତ୍ତିକ ଗୃହ ବ୍ୟତିତ ଅନ୍ୟ ସମ୍ପତ୍ତିର କିଣାବିକା ଭାରତ ସରକାରଙ୍କ ବିଦେଶ ମନ୍ତ୍ରଣାଳୟର ଅନୁମୋଦନ/ ଅନୁମତି ପ୍ରାପ୍ତ ହୋଇ ଦ୍ୱାରା କରିପାରିବେ ଏବଂ ଏଥି ନିମନ୍ତେ ବିଦେଶୀ ମୁଦ୍ରା ନିୟମିତ ବ୍ୟାଙ୍କିଙ୍ଗ ମାଧ୍ୟମରେ ଭାରତ ବାହାରୁ କରିବାକୁ ହେବ ।

ଉପର

vi) ଅନ୍ୟ ସମସ୍ୟା

ପ୍ର-୩୦ ଏନ୍.ଆର୍.ଆଇ/ପି.ଆଇ.ଓ ବିଦେଶୀ ମୁଦ୍ରାଦେଇ/ଭାରତୀୟ ଟଙ୍କାଦେଇ ଖରିଦ କରିଥିବା ବାସସ୍ଥାନ/ବ୍ୟବସାୟିକ ସମ୍ପତ୍ତିକୁ ଭଡା ସୂତ୍ରରେ ଦେଇପାରିବେ ?

ହଁ, ଏନ୍.ଆର୍,ଆଇ/ପି.ଆଇ.ଓ ରିଜର୍ଭ ବ୍ୟାଙ୍କର ବିନା ଅନୁମୋଦନରେ ଏହାକୁ ଭଡାରେ ଦେଇପାରିବେ, ଏବଂ ଭଡ଼ାଦ୍ୱାରା ଲବ୍ଧରାଶି ଏନ୍.ଆର୍.ଓ/ଏନ୍.ଆର୍.ଇ ଜମା ଖାତାରେ ଜମାହୋଇପାରିବ ବା ଭାରତ ବାହାରକୁ ପଠାଯାଇ ପାରିବ । ଯେଉଁ ଏନ୍‌ଆର୍‌ଆଇ/ପିଆଇଙ୍କର ଏନ୍‌ଆର୍‌ଓ ଆକାଉଣ୍ଟ ନଥିବ, ସେମାନଙ୍କର ଭଡ଼ାରାଶି, ଲାଭାଂଶ, ପେନ୍‌ସନ୍, ସୁଧରାଶି ପରି ଚଳନ୍ତି ଆୟକୁ ଭାରତ ବାହାରକୁ ରିପାଟ୍ରିଏସନ୍ ବା ପଠାଇବା ପାଇଁ ପ୍ରାଧିକୃତ ଡିଲର ମାନଙ୍କୁ କ୍ଷମତା ପ୍ରଦାନ କରାଯାଇଛି । ଏହି ରିପାଟ୍ରିଏସନ୍ ନିମନ୍ତେ ଜଣେ ଚାଟାର୍ଡ ଆକାଉଟାଣ୍ଟ ପ୍ରମାଣପତ୍ର ଦେବେଯେ ବାହାରକୁ ପଠାଯିବାକୁ ଥିବା ଧନରାଶି ପ୍ରେରଣ ଯୋଗ୍ୟ ଏବଂ ଏଥିରୁ ପୂର୍ବରୁ ପ୍ରଯୁଜ୍ୟ ଟିକସ ଦିଆସରିଛି/ବ୍ୟବସ୍ଥା ହୋଇଛି । (ଏପି (ଡ଼ିଆଇଆର୍ ସିରିଜ) ସାକୁର୍ଲାର ନଂ ୪୫ ତା ମେ ୧୪, ୨୦୦୨ ଦେଖନ୍ତୁ ।

ପ୍ର-୩୧- ଭାରତର ବାସିନ୍ଦା ଥିବା ସମୟରେ ଖରିଦ୍ କରିଥିବା ସ୍ଥାବର ସମ୍ପତ୍ତିର ଅଧିକାରୀ ପଦ, କୌଣସି

ବ୍ୟକ୍ତି ଏନ୍.ଆର୍.ଆଇ/ପି.ଆଇ.ଓ ହେବା ପରେ ମଧ୍ୟ ହାସଲ କରିପାରିବେ କି ?

ହଁ, ସେ ରିଜର୍ଭ ବ୍ୟାଙ୍କର ସ୍ୱୀକୃତି ବିନା ଭାରତରେ ଥିବା ବାସସ୍ଥାନ/ ବ୍ୟବସାୟ ସମ୍ପତ୍ତି/ ଚାଷଜମି/ ଉଦ୍ୟାନକୃଷି ସମ୍ପତ୍ତି/ କୃଷିଭିତ୍ତିକ ଗୃହରଣ ମାଲିକାନା ସର୍ତ୍ତହାସଲ କରିପାରିବେ।

ପ୍ର-୩୨- କେଉଁ ଜମା ଖାତାରେ ସେପରି ସ୍ଥାବର ସମ୍ପତ୍ତିର ବିକ୍ରି ରାଶି ରଖାଯାଇପାରିବ ?

ବିକ୍ରି ରାଶି ଏନ୍.ଆର୍.ଓ ଜମାଖାତାରେ ମିଶିପାରିବ ବା କ୍ରେଡ଼ିଟ୍ କରାଯାଇପାରିବ।

ପ୍ର-୩୩- ସ୍ଥାବର ସମ୍ପତ୍ତିର ବିକ୍ରି ରାଶି (ପ୍ରଶ୍ନ-୩୧ ଅନୁସାରେ) ଭାରତ ବାହାରକୁ ପଠାହୋଇ ପାରିବ କି ?

ହଁ, ମାତ୍ର ଗୋଟିଏ ଆର୍ଥିକ ବର୍ଷରେ୧ ନିୟୁତ ଡ଼ଲାର୍ ପରିମାଣ ପର୍ଯ୍ୟନ୍ତ ହୋଇପାରିବ। ପ୍ରାଧିକୃତ ଡ଼ିଲର ଏରାଶି ଭାରତ ବାହାରକୁ ପଠାଇବାର କାରଣ ସଂବନ୍ଧରେ ସନ୍ତୁଷ୍ଟ ହୋଇଥିବେ ଓ ଏହା ଟିକସ ସର୍ତ୍ତ ପରିପୂରଣ କରିଥିବ ।

ପ୍ର-୩୪- ବିଦେଶୀ ଅଣଭାରତୀୟ ବଂଶୋଦ୍ଭବ ଯେକି ଜଣେ ଭାରତ ବାସିନ୍ଦା ବା ବିଦେଶି ବାସିନ୍ଦା ଅଟନ୍ତି ଏବଂ ଏଫ୍.ଇ.ଆର.ଏ ନିର୍ଦ୍ଦିଷ୍ଟ ସ୍ୱୀକୃତି ତଥା ରିଜର୍ଭ ବ୍ୟାଙ୍କ ସ୍ୱୀକୃତି ଦ୍ୱାରା ଖରିଦ୍ କରିଥିବା ସ୍ଥାବର ସମ୍ପତ୍ତିର ମାଲିକାନା ସ୍ୱତ୍ତ୍ୱ ହାସଲ କରିପାରିବେ କି ? ସେ ଏହି ସମ୍ପତ୍ତିର ହସ୍ତାନ୍ତର କରିପାରିବେ କି ?

ହଁ, ସେମାନେ ସେହି ସ୍ଥାବର ସମ୍ପତ୍ତିର ମାଲିକାନା ସ୍ୱତ୍ତ୍ୱର୍ବ ହାସଲ ବଳବତ୍ତର ରଖିପାରିବେ କରିପାରିବେ, କିନ୍ତୁ ରିଜର୍ଭ ବ୍ୟାଙ୍କର ପୂର୍ବ ସ୍ୱୀକୃତି ଦ୍ୱାରା ସମ୍ପତ୍ତି ହସ୍ତାନ୍ତର କରିପାରିବେ।

ଉପର

ପ୍ର-୩୫- ଜଣେ ଭାରତବାସିନ୍ଦା ବିଦେଶୀ ମୁଦ୍ରା ପରିଚାଳନା (ଭାରତରେ ସ୍ଥାବର ସଂପତ୍ତିର ଅର୍ଜନ ଓ ହସ୍ତାନ୍ତର) ଅଧିସୂଚନା, ୨୦୦୦ ଦ୍ୱାରା ଶାସିତ ହୁଅନ୍ତି କି ?

ଜଣେ ଭାରତରେ ବସବାସ କରୁଥିବା ବ୍ୟକ୍ତି (ଯେ କି ପାକିସ୍ଥାନ, ବଂଗଳାଦେଶ, ଶ୍ରୀଲଙ୍କା, ଆଫଗାନିସ୍ଥାନ, ଚୀନ,ଇରାନ୍ ,ନେପାଳ ବା ଭୁଟାନର ନାଗରିକ ହୋଇଥିବେ) ବିଦେଶୀ ମୁଦ୍ରା ପରିଚାଳନା (ଭାରତରେ ସ୍ଥାବର ସଂପତ୍ତିର ଅର୍ଜନ ଓ ହସ୍ଥାନ୍ତର) ଅଧିସୂଚନା ୨୦୦୦ ଦ୍ୱାରା ଶାସିତ ହେବେ ବା ତାଙ୍କ ପାଇଁ ଲାଗୁହେବ ।

ଯଥାଃ- ଭାରତର ବାସିନ୍ଦା ହୋଇ ମଧ୍ୟ ସେ ଭାରତରେ ସ୍ଥାବର ସଂପତ୍ତିର ଅର୍ଜନ ଓ ହସ୍ତାନ୍ତର ନିମନ୍ତେ ରିଜର୍ଭ ବ୍ୟାଙ୍କ୍ ର ଆଗୁଆ ଅନୁମୋଦନ ଲାଭ କରିବେ । ସେ ପରି ଅନୁରୋଧ ହେଲେ, ରିଜର୍ଭ ବ୍ୟାଙ୍କ ଭାରତ ସରକାରଙ୍କ ସହିତ ପରାମର୍ଶ କରି ବିଚାର କରିଥାଏ ।

ସଂଜ୍ଞାସମୂହ

ପ୍ର-୩୬- 'ଭାରତ ବାସୀନ୍ଦା' ଓ ଜଣେ 'ଭାରତର ଅଣ-ବାସିନ୍ଦା' ପଦ ଗୁଡ଼ିକ କେଉଁଠି ସଂଜ୍ଞାକୃତ ହୋଇଛି ?

ଫେମା ୧୯୯୯ର ଧାରା ୨(v) ଓ ଧାରା ୨(w) ଯଥାକ୍ରମେ 'ଭାରତ ବାସିନ୍ଦା' ଓ 'ଭାରତର ଅଣ-ବାସିନ୍ଦା' ଙ୍କୁ ସଂଜ୍ଞାକୃତ କରିଛି ।

ପ୍ର-୩୭- ଭାରତରେ ବାସ କରୁଥିବା ବ୍ୟକ୍ତିର ଅର୍ଥ କ'ଣ ?

ଜଣେ ବ୍ୟକ୍ତି ଠିକ୍ ପୂର୍ବବର୍ତ୍ତୀ ଆର୍ଥିକବର୍ଷ (ଏପ୍ରିଲ୍-ମାର୍ଚ୍ଚ) ରେ ଭାରତରେ ୧୮୨ ଦିନରୁ ଅଧିକ ବାସକରିଥିବେ ଓ ସେ ଭାରତକୁ ଆସିଥିବେ ବା ରହୁଥିବେ ତଳ ଲିଖିତ କାରଣ ନିମନ୍ତେ:

(i) ଚାକିରୀ କରିବାପାଇଁ ବା (ii) ବ୍ୟବସାୟ ବା ଧନ୍ଦା ନିମନ୍ତେ

(iii) ଅନ୍ୟ କିଛି ଉଦ୍ଦେଶ୍ୟରେ ଯେଉଁଥିରୁ ପ୍ରତୀୟ ମାନ ହେବ ଯେ ସେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଏଠାରେ ରହିବେ, ତାହେଲେ ତାଙ୍କୁ ଭାରତ ନିବାସି ରୂପେ ଗ୍ରହଣ କରାଯିବ ।

ଅନ୍ୟ ଭାଷାରେ : ଫେମା ଅଧିନରେ ଜଣେ ବ୍ୟକ୍ତିଙ୍କୁ 'ଭାରତ ନିବାସୀ' କହିବାକୁ ହେଲେ - ସେ ବ୍ୟକ୍ତିଙ୍କୁ କେବଳ ରହଣି ଅବଧି (ଠିକ୍ ପୂର୍ବ ଆର୍ଥିକ ବର୍ଷରେ ୧୮୨ଦିନରୁ ଅଧିକ ରହଣୀକାଳ) ସର୍ତ୍ତ ପୂରଣ କରିବେ ନାହିଁ, ବରଂ ତତ୍ ସହିତ ତାଙ୍କୁ ଭାରତରେ ବାସକରିବାର ଉଦ୍ଦେଶ୍ୟ/ ମନୋବୃତ୍ତିର ସର୍ତ୍ତ ପୂରଣ କରିବାକୁ

ହେବ ।

ଉପର

ପ୍ର-୩୮- 'ଭାରତ ବାହାରର ବାସିନ୍ଦା' ଅର୍ଥ କ'ଣ ?

ଏଫ୍.ଇ.ଏମ୍.ଏ ରେ ସଜ୍ଞାକୃତ ଯେଉଁ ବ୍ୟକ୍ତି ଭାରତ ବାସିନ୍ଦା ନୁହନ୍ତି, ସେ ଭାରତର ଅଣ-ବାସିନ୍ଦା (ପ୍ରଶ୍ନ ସଂ ୩୭ ଦେଖନ୍ତୁ)

ପ୍ର-୩୯- ଜଣେ ବ୍ୟକ୍ତି ଭାରତର ବାସିନ୍ଦା କି ନୁହନ୍ତି ,ଏ ସମ୍ବନ୍ଧରେ କିଏ ନିର୍ଦ୍ଧାରିତ କରିବେ ?

ବାସିନ୍ଦା ଷ୍ଟାଟସ୍ (ମାନଦଣ୍ଡ) ରିଜର୍ଭ ବ୍ୟାଙ୍କ ନିର୍ଦ୍ଧାରିତ କରେ ନାହିଁ । କାର୍ଯ୍ୟକାରୀ ହେଉଥିବା ଆଇନ ଦ୍ୱାରା ଫେମା ଅଧୀନରେ 'ବାସିନ୍ଦା ପଦିବାଚ୍ୟ' ନିର୍ଦ୍ଧାରିତ ହୋଇଥାଏ ।

ପ୍ର-୪୦- ଯଦି ଜଣେ ବିଦେଶୀ ଏଫ୍.ଇ.ଏମ୍.ଏ., ୧୯୯୯ର ଧାରା 2(v)(i)B ର ବ୍ୟବସ୍ଥା ଅନୁସାରେ ଭାରତ ବାସିନ୍ଦା ରୂପେ ଗଣ୍ୟ ହୁଅନ୍ତି, ତେବେ ସେ ଭାରତରେ କୌଣସି ସ୍ଥାବର ସଂପତ୍ତି କିଣିବା ନିମନ୍ତେ ରିଜର୍ଭ ବ୍ୟାଙ୍କର ଅନୁମୋଦନ ଆବଶ୍ୟକ କରିବେ କି ?

ଏଫ୍.ଇ.ଏମ୍.ଏ ଦୃଷ୍ଟିକୋଣରୁ ଭାରତ ନିବାସି ହୋଇଥିବା ଜଣେ ବିଦେଶୀ ନାଗରିକ ଭାରତରେ କୌଣସି ସ୍ଥାବର ସଂପତ୍ତି କିଣିବା ନିମନ୍ତେ ରିଜର୍ଭ ବ୍ୟାଙ୍କର ଅନୁମୋଦନର ଆବଶ୍ୟକତା ନାହିଁ । କିନ୍ତୁ ସଂପୃକ୍ତ ରାଜ୍ୟ ସରକାର, ଇତ୍ୟାଦି କିପରି ଅନ୍ୟ କର୍ତ୍ତୃପକ୍ଷଙ୍କ ଦ୍ୱାରା କିଛି ନିର୍ଦ୍ଧାରିତ ନିୟାମକ କାର୍ଯ୍ୟକାରୀ ହେଉଥିଲେ, ସେ ସେହି କର୍ତ୍ତୃପକ୍ଷଙ୍କ/ମାନଙ୍କ ଠାରୁ ଅନୁମୋଦନ ଲାଭ କରିବା ଜରୁରୀ ଅଟେ । ଯାହା ହେଲେ ବି, ଜଣେ ଭାରତ ନିବାସୀ ବିଦେଶୀ ନାଗରିକ ଯିଏ କି ପାକିସ୍ଥାନ, ବଂଗଳାଦେଶ, ଶ୍ରୀଲଙ୍କା, ଆଫଗାନିସ୍ଥାନ, ଚୀନ, ଇରାନ୍, ନେପାଳ ଓ ଭୁଟାନର ନାଗରିକ ହୋଇଥିବେ, ତାଙ୍କର ଏଥିନିମନ୍ତେ ରିଜର୍ଭ ବ୍ୟାଙ୍କ୍ ର ବିଶେଷ ଅନୁମୋଦନ ଲୋଡ଼ା ହୋଇଥାଏ ।